# ବ୍ୟବସାୟିକ ଭିତ୍ତିରେ ଫୁଲ ଚାଷ




ବିଷୟ ବସ୍ତୁ

**ଡ. ବବିତା ମିଶ୍ର**

ବୈଜ୍ଞାନିକା

ଉଦ୍ୟାନ କୃଷି ବିଭାଗ

ସଂପାଦନା

**ଡ. ସୁନୀଲ କୁମାର ମହାପାତ୍ର**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



**କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର**

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**ଆଲେଖ୍ୟ :**
ଡ. ବବିତା ମିଶ୍ର
ବୈଜ୍ଞାନିକା
ଉଦ୍ୟାନ କୃଷି ବିଭାଗ

**ସଂପାଦନା :**
ଡ. ସୁନୀଲ କୁମାର ମହାପାତ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ପ୍ରକାଶକ :**
କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର, ବଡଚଣା

**ପ୍ରଥମ ସଂସ୍କରଣ : ୨୦୨୪**

ମୁଦ୍ରଣ : ଶ୍ରୀମା ଗ୍ରାଫିକ୍ସ, ଶହୀଦ ନଗର, ଭୁବନେଶ୍ୱର

# ବ୍ୟବସାୟିକ ଭିତ୍ତିରେ ଫୁଲଚାଷ




-: ବିଷୟବସ୍ତୁ :-

**ଡ. ବବିତା ମିଶ୍ର**

ବୈଜ୍ଞାନିକା

ଉଦ୍ୟାନ କୃଷି ବିଭାଗ

-: ସମ୍ପାଦନା :-

**ଡ. ସୁନୀଲ କୁମାର ମହାପାତ୍ର**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର**

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ବ୍ୟବସାୟିକ ଭିତ୍ତିରେ ଫୁଲ ଚାଷ

ଆମ ରାଜ୍ୟ ଓଡ଼ିଶାରେ ଫୁଲର ଇତିହାସ ଅତି ପୁରାତନ । ଫୁଲର ରଙ୍ଗ, ସୌନ୍ଦର୍ଯ୍ୟ ଏବଂ ବଜାର ଚାହିଦା ଯୋଗୁଁ ସମାଜର ସ୍ୱଳ୍ପ ବର୍ଗଙ୍କ ସମେତ ସର୍ବ ସାଧାରଣଙ୍କ ସ୍ତରରେ ଫୁଲଚାଷ ଏକ ଲାଭଜନକ ବ୍ୟବସାୟର ମାନ୍ୟତା ପାଇ ପାରିଛି । ଫୁଲ ପ୍ରାକ୍ ବୈଦିକ କାଳରୁ ରହି ଆସିଛି । ଜନସାଧାରଣ ଫୁଲକୁ ତା'ର ସୌନ୍ଦର୍ଯ୍ୟ, ବାସ୍ନା ଓ ଅତର ପାଇଁ ଭଲ ପାଆନ୍ତି । ବିଭିନ୍ନ ପର୍ବପର୍ବାଣୀରେ, ସଭାସମିତିରେ ଫୁଲ ସାଜସଜ୍ଜା ଓ ପୂଜା ପାଇଁ ବ୍ୟବହାର କରାଯାଏ । ଏହି ଫୁଲ ମନୁଷ୍ୟର ଜୀବନ ସହିତ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଡ଼ି ହୋଇ ରହିଥାଏ । କେବଳ ଓଡ଼ିଶାରେ ନୁହେଁ ଭାରତର ପ୍ରମୁଖ ସହର ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇଠାରୁ କୋଲକାତା ଇତ୍ୟାଦି ସ୍ଥାନରେ ଫୁଲର ବେଶ୍ ଚାହିଦା ରହିଛି । ପୃଥିବୀର ବଡ଼ବଡ଼ ସହର ଟୋକିଓ, ନ୍ୟୁୟର୍କ, ସିଡିନି, କାନ୍‌ବେରା, ମସ୍କୋ, ମଧ୍ୟ ୟୁରୋପୀୟ ଦେଶମାନଙ୍କରେ ଫୁଲର ଯଥେଷ୍ଟ ଆବଶ୍ୟକତା ରହିଛି ।

ସବୁ ଫୁଲ ସବୁ ଋତୁ ପାଇଁ ଉପଯୁକ୍ତ ନୁହନ୍ତି । ଏଣୁ ଏ ସବୁକୁ ଋତୁ ଅନୁସାରେ (ଗ୍ରୀଷ୍ମ, ବର୍ଷା, ଶୀତ) ବିଭକ୍ତ କରାଯାଇଥାଏ । ସେହିଭଳି ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଫୁଲ ବିଭିନ୍ନ ପ୍ରକାରର ଅମଳ ଦେଇଥାନ୍ତି ।

ଶୀତଦିନ ଫୁଲ ମଧ୍ୟରେ ଗେଣ୍ଡୁ, ସେବତୀ, ପିଟୁନିଆ, ଫ୍ଲକ୍ସ, ଡାଇଆନଥସ୍, ଭର୍ବେନା,ଗ୍ଲାଡିଓଲସ୍, ଆଷ୍ଟର, କାଲେଣ୍ଡୁଲ ଇତ୍ୟାଦି ଫୁଟେ ।

ଗ୍ରୀଷ୍ମ ଋତୁ ରେ ଚାଷ କରାଯାଉଥିବା ବାର୍ଷିକ ଫୁଲମାନଙ୍କ ମଧ୍ୟରେ କସ୍‌ମସ୍, ସୂର୍ଯ୍ୟମୁଖୀ, ଜିନିଆ, ଗେଣ୍ଡୁ, ପର୍ତ୍ତୁଲାକା ଇତ୍ୟାଦି ପ୍ରଧାନ ।

ହରଗୌରା, କକ୍ସକମ୍ବ, ଜିନିଆ, ଗେଣ୍ଡୁ, ରଜନୀଗନ୍ଧା ଇତ୍ୟାଦି ବର୍ଷାଦିନେ ଋଷ କରାଯାଏ । ଗୋଲାପ ଚାଷ ସବୁ ଋତୁରେ କରାଯାଇ ପାରିବ ।

ଗ୍ରୀଷ୍ମ ଋତୁରେ ପଲିହାଉସ୍ ଭିତରେ ଗୋଲାପ ଋଷ ଲାଭଜନକ ଭାବେ କରାଯାଇ ପାରିବ ।

## ଗୋଲାପ ଚାଷ:

ଗୋଲାପ ଫୁଲକୁ ଫୁଲମାନଙ୍କର ରାଣୀ କୁହାଯାଏ । । ବ୍ୟବହାରିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସାଜସଜ୍ଜା ପାଇଁ ଗୋଲପ ଫୁଲକୁ ସର୍ବାଧିକ ବ୍ୟବହାର କରାଯାଏ । ଗୋଲାପ ଚାଷ ପୃଥିବୀରେ ସର୍ବାଧିକ ଅଞ୍ଚଳରେ କରାଯାଏ । କଟାଫୁଲ, ଘରାଫୁଲ ବ୍ୟତୀତ, ଅତର, ତେଲ, ଗୋଲାପ ଜଳ ଏବଂ ବିଭିନ୍ନ ଔଷଧୀୟ ପଦାର୍ଥ ତିଆରିରେ ଗୋଲାପ ଫୁଲର ବ୍ୟବହାର ପାଇଁ ରାଜ୍ୟ ତଥା ଦେଶ ବିଦେଶରେ ଫୁଲର ବେଶ୍ ଚାହିଦା ରହିଛି ।

## ଗୋଲାପ ଚାଷ ପାଇଁ ଉପଯୁକ୍ତ କିସମ:

ଗଛର ପ୍ରକାର ଓ ଫୁଲର ରଙ୍ଗ, ଆକାର ଏବଂ ଭିନ୍ନତା ଅନୁସାରେ ଗୋଲାପକୁ ହାଇବ୍ରିଡ୍ ଟି, ଫ୍ଲୋରିବଣ୍ଡା, ଗ୍ରାଣ୍ଡିଫ୍ଲୋରା, ପଲି ଆନ୍ଥା, ମିନିଏଚର, ରାମ୍ବଲର ଇତ୍ୟାଦିରେ ବିଭକ୍ତ କରାଯାଏ । ଗୋଲାପ କିସମ ହାଇବ୍ରିଡ଼୍-ଟିର ମେନୁପାର୍ଲେ କିସମ ବ୍ୟବସାୟିକ ଭିତ୍ତିରେ ଚାଷ କରିବା ପାଇଁ ଉପଯୁକ୍ତ ଅଟେ ।

## ମୃତ୍ତିକା ଓ ଜଳବାୟୁ :

ଗୋଲାପ ନାତିଶୀତୋଷ୍ଣ ମଣ୍ଡଳର ଉଦ୍ଭିଦ । ଗୋଲାପ ଚାଷ ପାଇଁ ସାଧାରଣତଃ ନିଗିଡ଼ା, ଉର୍ବର ଓ ଦୋରସା ମାଟି ଆବଶ୍ୟକ । ମାଟିର ଅମ୍ଳତା ୫ରୁ ୭.୫ ମଧ୍ୟରେ ରହିବା ଆବଶ୍ୟକ । ହାରାହାରି ତାପମାନ ୨୬° ସେଣ୍ଟିଗ୍ରେଡ୍ ଓ ସର୍ବନିମ୍ନ ୧୬° ସେଣ୍ଟିଗ୍ରେଡ୍ ଏବଂ ଦୈନିକ ଅତି କମ୍‌ରେ ୫ ଘଣ୍ଟା ସୂର୍ଯ୍ୟାଲୋକ ଗୋଲାପ ପାଇଁ ଉପଯୋଗୀ । ବାୟୁ ମଣ୍ଡଳର ଉତ୍ତାପ ୧୮° ସେଣ୍ଟିଗ୍ରେଡ଼୍ ରହିଲେ ଫୁଲର ରଙ୍ଗ ଗାଢ଼ ହୁଏ ।

**ବଂଶବିସ୍ତାର :** ମଞ୍ଜିଠାରୁ ଆରମ୍ଭ କରି କଟା ଡାଳ କଲମୀ କରଣ ଦ୍ୱାରା ଗୋଲାପର ବଂଶ ବିସ୍ତାର କରାଯାଏ । କଟା ଡାଳ ସାହାଯ୍ୟରେ ବଂଶ ବିସ୍ତାର ସହଜ ଓ ସୁଲ୍ଲଭ । କଟା ଡାଳରୁ ବଂଶ ବିସ୍ତାର ଲାଗି ତାପମାନ, ଆର୍ଦ୍ରତା, ଜଳବାୟୁ ଓ ମୃତ୍ତିକା ଅନୁକୂଳ ହେବା ଆବଶ୍ୟକ । ହାଇବ୍ରିଡ଼୍ ଟି ଓ ଫ୍ଲୋରିବଣ୍ଡା ପ୍ରକାରର ଗୋଲାପର ବଂଶ ବୃଦ୍ଧି ମୁଖ୍ୟତଃ କଳିକା ରୋପଣ ଦ୍ୱାରା କରାଯାଇଥାଏ । ବ୍ୟବସାୟିକ ଭିତ୍ତିରେ ଗୋଲାପ ଚାଷ ପାଇଁ ଆଖି କଲମୀ ଦ୍ୱାରା ବଂଶ ବିସ୍ତାର କରାଯାଏ ।

### ଜମି ପ୍ରସ୍ତୁତି ଓ ଲଗାଇବା ପ୍ରଣାଳୀ :

ଜମିକୁ ୪ ରୁ ୫ ଓଡ଼ ଭଲଭାବରେ ଚାଷ କରି ଗୁଣ୍ଡ କରିଦିଆଯାଏ । ଏକର ପିଛା ୨୦ଟନ୍ ସଢ଼ାଗୋବର ଖତ, ୪ ଟନ୍ ସୋରିଷ ପିଡ଼ିଆ, ୪ ଟନ୍ ହାଡଗୁଣ୍ଡ ଭଲଭାବରେ ମାଟିରେ ମିଶାଇ ଦିଆଯାଏ । ଆମ ରାଜ୍ୟରେ ସେପ୍ଟେମ୍ବର ମାସରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଗୋଲାପ ଲଗାଯାଏ । ଗଛ ଲଗାଇବା ସମୟରେ କଲମୀ ଯୋଡ଼ ମାଟି ପତନଠାରୁ ୨.୫ ରୁ ୫ସେ.ମି, ଉପରେ ରହିବା ଆବଶ୍ୟକ । ସାଧାରଣତଃ ଧାଡ଼ିକୁ ଧାଡି ଓ ଗଛକୁ ଗଛ ୬୦ସେ.ମି. × ୪୦ ସେ.ମି ବ୍ୟବଧାନ ରହିବା ଆବଶ୍ୟକ ।

### କାଣ୍ଟଛାଣ୍ଟ :

କାଣ୍ଟଛାଣ୍ଟର ପରିମାଣ ଓ ସମୟ ପରିବେଶ ଉପରେ ନିର୍ଭର କରେ । ସାଧାରଣତଃ ବର୍ଷାଋତୁ ପରେ ପରେ କାଣ୍ଟଛାଣ୍ଟ କରାଯାଇଥାଏ । କାଣ୍ଟଛାଣ୍ଟର ୧.୫ରୁ ୨ମାସ ପରେ ଫୁଲ ଆସେ । ଗଛ ଲଗାଇବାର ପ୍ରଥମ ବର୍ଷରେ କାଣ୍ଟଛାଣ୍ଟ କରିବା ଆବଶ୍ୟକତା ନଥାଏ । ଦ୍ୱିତୀୟ ବର୍ଷରେ ଗଛର ଆକାର ପାଇଁ ଏହାର ଅଗକୁ କାଟି ବିଭିନ୍ନ ଦିଗକୁ ୩-୪ଗୋଟି ଡାଳ ଛଡ଼ାଯାଏ । କାଟିବା ପରେ କଟା ଅଂଶରେ ବ୍ଲାଇଟକ୍ସ ୫୦ର ପ୍ରଲେପ ଦେଲେ କବକ ଜାତୀୟ ରୋଗ ସଂକ୍ରମଣରୁ ରକ୍ଷା ମିଳିଥାଏ ।

### ଖତସାର ପରିଚାଳନା :

ଗୋଲାପ ଗଛରେ ହେକ୍ଟର ପ୍ରତି ୪୦୦:୨୦୦:୨୦୦ କିଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ ସାର ଦିଆଯାଏ । କାଣ୍ଟଛାଣ୍ଟ କରିବାର ୧୦-୧୫ ଦିନ ପରେ ଅଧା ଯବକ୍ଷାରଜାନ ସହିତ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ଏବଂ ବାକିଥିବା ଯବକ୍ଷାରଜାନକୁ ୨ ଭାଗ କରି ୫-୬ ସପ୍ତାହ ବ୍ୟବଧାନରେ ପ୍ରୟୋଗ କରାଯାଏ । ଶୀତଋତୁରେ ଫୁଲର ମାନ ଓ ସଂଖ୍ୟା ବୃଦ୍ଧି ପାଇଁ ୟୁରିୟା (୨୦ଗ୍ରାମ/ଲିଟର) କାଣ୍ଟଛାଣ୍ଟର ୧ ମାସ ପରଠାରୁ କଢ଼ ଫୁଟିବା ପର୍ଯ୍ୟନ୍ତ ପ୍ରତି ୭ ଦିନର ବ୍ୟବଧାନରେ ପ୍ରୟୋଗ କରାଯାଏ ।

### ଜଳ ପରିଚାଳନା :

ଗୋଲାପ ଗଛର ସବୁ ଅବସ୍ଥାରେ ଆବଶ୍ୟକ ପରିମାଣ ଜଳୀୟଅଂଶ ରହିବା

ଆବଶ୍ୟକ । ଏଣୁ ସବୁବେଳେ ଜଳୀୟ ଅଂଶ ୫୦% ସୁଲଭ୍ୟ ପରିମାଣର ରହିବା ଉଚିତ୍ । ବାୟୁମଣ୍ଡଳୀୟ ଜଳୀୟ ବାଷ୍ପର ଅବସ୍ଥା, ମାଟି ଓ ପାଗକୁ ଦେଖି ଶୀତଋତୁରେ ୧୦-୧୫ଦିନ ବ୍ୟବଧାନରେ ଏବଂ ଗ୍ରୀଷ୍ମ ଋତୁରେ ସପ୍ତାହକୁ ଦୁଇଥର ଜଳସେଚନ କରିବା ଆବଶ୍ୟକ ।

**ପରବର୍ତ୍ତୀ ଯତ୍ନ :**

ଗଛ ଲଗାଇବା ପରେ ସାଧାରଣତଃ କୋଡାଖୁସା କରି ଅନାବନା ଘାସ ଗଛଗୁଡ଼ିକୁ ବାଛି ବାହାର କରିଦେବା ଉଚିତ୍ । ହାତରେ ଘାସ ନବାଛି ରାସାୟନିକ ଘାସମରା ଔଷଧ ଫୁଲ ଫୁଟିବାର ୨୫ ରୁ ୩୦ ଦିନ ପୂର୍ବରୁ ପ୍ରୟୋଗ କଲେ କମ୍ ଖର୍ଚ୍ଚ ହୁଏ ।

**ଅମଳ ଓ ଅମଳ ପରବର୍ତ୍ତୀ ଯତ୍ନ :**

ଗୋଲାପ ଫୁଲ ମୁଖ୍ୟତଃ କଢ଼ ଟାଣ ଥିବା ସମୟରେ ବା ଗୋଟିଏ କିମ୍ବା ଦୁଇଟି ପାଖୁଡା ଖୋଲିବା ଆରମ୍ଭ କଲେ ଅପେକ୍ଷାକୃତ ଥଣ୍ଡା ପାଗରେ ତୋଳାଯାଏ । ଝୁରା ଫୁଲମାଳ ତଥା ଅତର ଉତ୍ପାଦନ ପାଇଁ ଫୁଲଗୁଡ଼ିକ ଫୁଟିବା ପରେ ତୋଳାଯାଏ । କଟା ଫୁଲଗୁଡ଼ିକ କଟାଯାଇ ସଂଗେ ସଂଗେ ପ୍ଲାଷ୍ଟିକ୍ ବାଲଟିରେ ପରିଷ୍କାର ପାଣିରେ ବେକ ପର୍ଯ୍ୟନ୍ତ ବୁଡାଇ ରଖାଯାଏ । ପରେ ଫୁଲ ଲମ୍ବ, ଫୁଲର କିସମ ଏବଂ ମାନ ଅନୁସାରେ ୨୦ ଟିକିଆ ବିଡ଼ା କରାଯାଇ ଧଳା କାଗଜରେ ବାନ୍ଧି ତଳ ଅଂଶକୁ ଟିସୁ କାଗଜରେ ଗୁଡ଼ାଇ ରନ୍ଧ୍ରଯୁକ୍ତ କାଗଜ ଡାବଲରେ ରଖି ବିଭିନ୍ନ ଜାଗାକୁ ପଠାଯାଏ ।

**ରୋଗ ପୋକ ନିୟନ୍ତ୍ରଣ :**

ଅଗମରା, ପାଉଁଶିଆ, କଳାଦାଗ, କଳଙ୍କି ଓ ପାଣ୍ଡୁରଙ୍ଗ ଗୋଲାପର ପ୍ରଧାନ ରୋଗ । ଏଗୁଡ଼ିକର ନିରାକରଣ ପାଇଁ ରିଡୋମିଲ ଏମ୍ ଜେଡ୍( ୨.୫ଗ୍ରାମ/ଲିଟର) ପାଣି କିମ୍ବା ଡିଥେନ୍ ଏମ୍୪୫( ୨ଗ୍ରାମ/ଲିଟର ପାଣି କିମ୍ବା ବ୍ଲାଇଟକ୍ସ ୫୦ (୨ଗ୍ରାମ/ଲିଟର) ପାଣି କିମ୍ବା ବୋର୍ଡୋ ଦ୍ରବଣ ୦.୫% ସିଞ୍ଚନ କରାଯିବା ଆବଶ୍ୟକ ।

ଏତଦ୍‌ବ୍ୟତୀତ ଗୋଲାପ ଗଛରେ ଜଉପୋକ, ଉକୁଣୀ ପୋକ, ନାଳିକାଟି ପୋକ, ପତ୍ରଖିଆ ପୋକ, ନାଲି ବୁଢ଼ିଆଣୀ, କଢ଼ି ପୋକ ଇତ୍ୟାଦି ଦେଖାଯାନ୍ତି । ଏମାନେ ଗଛ

ତଥା ପତ୍ରକୁ ନଷ୍ଟ କରନ୍ତି । ଏଗୁଡ଼ିକର ନିୟନ୍ତ୍ରଣ ପାଇଁ ରୋଗର (୦.୧ରୁ ୦.୨%) କିମ୍ବା ଥାଇଓମିଥକ୍‌ଜାମ (୫ଗ୍ରାମ/ ୧୫ ଲିଟର ପାଣି) କିମ୍ବା ପ୍ରୋଫେନୋଫସ୍ (୨ମି.ଲି/ଲିଟର ପାଣି) ହିସାବରେ ନିୟମିତ ବ୍ୟବଧାନରେ ପ୍ରୟୋଗ କରିବା ଉଚିତ୍ ।

## ଆୟବ୍ୟୟ

୦.୯ × ୦.୯ମିଟର ଦୂରତାରେ ଗୋଲାପ ଲଗାଇଲେ ହେକ୍ଟର ପ୍ରତି ୧୨,୩୪୫ ଗଛ ବୁଦା ରହେ । ପ୍ରତି ବୁଦାରୁ ୪ଟି ଲମ୍ବା ବୃନ୍ତିଆ ଗୋଲାପ କଟା ଡାଳ ମିଳିଲେ ମୋଟ୍ ୪୯,୩୮୦ ଗୋଲାପ କଟା ଡାଳ ମିଳେ । ଗୋଟିଏ ଫୁଲ କଢ଼ର ଦାମ ଖୁବ୍ କମ୍‌ରେ ଟ୫/- ହେଲେ ବର୍ଷକୁ ହେକ୍ଟର ପ୍ରତି ୨,୪୬,୯୦୦ ମିଳିପାରିବ ।

## ରଜନୀଗନ୍ଧା ଚାଷ

ରଜନୀଗନ୍ଧା ପୁରାତନ ଫୁଲ ମଧ୍ୟରୁ ଅନ୍ୟତମ । ଏହି ଧଳା ସୁଗନ୍ଧ ଫୁଲ ବିଶେଷତଃ ରାତିରେ ମନମୁଗ୍ଧକର ବାସନା ଦେଇଥାଏ ବୋଲି ଏପରି ନାମକରଣ ହୋଇଅଛି । (ରଜନୀ- ରାତି, ଗନ୍ଧା- ବାସନାଯୁକ୍ତ) । ରଜନୀ ଗନ୍ଧା ଭାରତର ଅତି ଲୋକପ୍ରିୟ ଫୁଲ । ଫ୍ରାନ୍ସ, ଇଟାଲି, ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍, ଦକ୍ଷିଣ ଆଫ୍ରିକା ଇତ୍ୟାଦି ଅଞ୍ଚଳରେ ରଜନୀଗନ୍ଧା ଚାଷ କରାଯାଏ । ଭାରତରେ ରଜନୀଗନ୍ଧା ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ମହାରାଷ୍ଟ୍ର ଏବଂ ଓଡ଼ିଶାରେ ଚାଷ କରାଯାଉଅଛି । ଭାରତରେ ପ୍ରାୟ ୨୫,୦୦୦ହଜାର ହେକ୍ଟର ଜମିରେ ରଜନୀଗନ୍ଧା ଚାଷ ହେଉଛି ।

ରଜନୀଗନ୍ଧା ଫୁଲ ସାଜସଜ୍ଜା, ପୂଜା, ବିବାହ, ବ୍ରତ ଇତ୍ୟାଦି ସାମାଜିକ ଉତ୍ସବରେ ବ୍ୟବହାର କରାଯାଏ । ଏଥିରୁ ତିଆରି ହେଉଥିବା ରଜନୀଗନ୍ଧା ତେଲର ଚାହିଦା ସର୍ବାଧିକ ।

## ମୃତ୍ତିକା ଓ ଜଳବାୟୁ

ରାଜନୀଗନ୍ଧା ସାଧାରଣତଃ ଉଷ୍ମ, ଆର୍ଦ୍ର ଜଳବାୟୁ ତଥା ୨୫° ରୁ ୩୫° ସେଣ୍ଟିଗ୍ରେଡ୍ ତାପମାତ୍ରାରେ ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଏ । ୩୦° ସେଣ୍ଟିଗ୍ରେଡ଼ ତାପମାତ୍ରା ଏବଂ ଅଧିକ ଆର୍ଦ୍ର ଜଳବାୟୁରେ ଏହା ଆହୁରି ଭଲ ବଢ଼େ । ତାପମାନ ୪୦° ସେଣ୍ଟିଗ୍ରେଡରୁ ବେଶିହେଲେ ଏବଂ ୧୦° ସେଣ୍ଟିଗ୍ରେଡ୍‌ରୁ କମ୍ ହେଲେ ରଜନୀଗନ୍ଧା

ପୁଷ୍ପଦଣ୍ଡର ଲମ୍ବ, ଫୁଲ ଓଜନ ଏବଂ ଗୁଣ ହ୍ରାସପାଏ ।

ରଜନୀଗନ୍ଧା ଅମ୍ଳୀ, କ୍ଷାରୀ ଓ ଉପର ମୃତ୍ତିକା ସମେତ ପ୍ରାୟ ସବୁ ପ୍ରକାର ମୃତ୍ତିକାରେ ବଢ଼ିପାରେ । ଭଲ ବଢ଼ିବା ପାଇଁ ବାଲିଆ ଦୋରସା, ପ୍ରାୟ ସମଭାବୀ ମୃତ୍ତିକା (ପି.ଏଚ୍- ୬.୮ରୁ ୭.୫) ଆବଶ୍ୟକ ।

## ବଂଶ ବିସ୍ତାର

ଅଙ୍ଗୀୟ ପ୍ରଣାଳୀରେ ବଂଶ ବିସ୍ତାର ସାଧାରଣତଃ କରାଯାଏ । କନ୍ଦରୁ, କନ୍ଦଖଣ୍ଡରୁ ବା ଟିସୁ କଲଚର ଦ୍ୱାରା ବଂଶବୃଦ୍ଧି କରାଯାଇଥାଏ । ତାର୍କୁ ଆକାରର କନ୍ଦ ଚଟକା ବା ଗୋଜିଆ କନ୍ଦଠାରୁ ଭଲ ।

## ଜମି ପ୍ରସ୍ତୁତି :

ଜମିକୁ ଗଭୀର ଭାବରେ ଚାଷ କରି ଗଛ ଲଗାଇବାର ଏକମାସ ଆଗରୁ ହେକ୍ଟର ପିଛା ପ୍ରାୟ ୫୦ ଟନ୍ ସଢ଼ା ଗୋବର ଖତ ମାଟିରେ ମିଶାଇଲେ ରଜନୀଗନ୍ଧା ଗଛ ଭଲ ହୋଇଥାଏ ।

## ଗଛ ଲଗାଇବା ପ୍ରଣାଳୀ

ସାଧାରଣତଃ ୨ରୁ ୩ ସେ.ମି. ବ୍ୟାସର କନ୍ଦ ୪ରୁ୫ସେ.ମି ଗଭୀରରେ ଲଗାଯାଇଥାଏ । ଲଗାଇବା ପୂର୍ବରୁ କନ୍ଦଗୁଡ଼ିକୁ ବ୍ଲାଇଟକ୍ସ-୫୦ ଦ୍ୱାରା( ୨ ଗ୍ରାମ / ପ୍ରତି ଲିଟର ପାଣିରେ) ବିଶୋଧନ କରାଯାଇଥାଏ । ଲଗାଇବା ବେଳେ ଧାଡିକୁଧାଡି ଏବଂ ଗଛକୁ ଗଛ ବ୍ୟବଧାନ ୩୦ ସେ.ମି.×୩୦ସେ.ମି. ରହିବା ଆବଶ୍ୟକ । ସାଧାରଣତଃ ରାଜନୀଗନ୍ଧା ଏପ୍ରିଲରୁ ମେ ମାସ ମଧ୍ୟରେ ଲଗାଯାଇଥାଏ ।

## ଖତ ସାର ପରିଚାଳନା

ଜମି ପ୍ରସ୍ତୁତି ସମୟରେ ଶୁଖିଲାପତ୍ର କମ୍ପୋଷ୍ଟ ଖତ ବା ସଢ଼ା ଗୋବର ଖତ ହେକ୍ଟର ପିଛା ୨୦ ରୁ ୫୦ ଟନ୍ ମୃତ୍ତିକା ଓ ଜଳବାୟୁର ପ୍ରକାରଭେଦ ଅନୁଯାୟୀ ପ୍ରୟୋଗ କରିବା ଉଚିତ୍ । ଜମି ପ୍ରସ୍ତୁତି ପରେ ହେକ୍ଟର ପ୍ରତି ୩୦୦ କି.ଗ୍ରା ଯବକ୍ଷାରଜାନ, ୨୦୦ କି.ଗ୍ରା. ଫସଫରସ୍ ଓ ୨୦୦କି.ଗ୍ରା ପଟାସ୍ ସାର ପ୍ରୟୋଗ କରିବା ଆବଶ୍ୟକ । ଗଛ ଲଗାଇବାର ଦିନକ ପୂର୍ବରୁ ଯବକ୍ଷାରଜାନର ଅଧା ପରିମାଣ ଏବଂ ସବୁ ଫସ୍‌ଫରସ୍ ଓ ପଟାସ

ଏକାଥରକେ ପ୍ରୟୋଗ କରିବାକୁ ହୋଇଥାଏ ଏବଂ ୪୫ ଦିନ ପରେ ବାକି ଅଧା ଯବକ୍ଷାରଜାନ ଦେବାକୁ ହୁଏ । ଏହାଛଡ଼ା ଫୁଲ ଫୁଟିବା ଆରମ୍ଭ ବେଳକୁ ସଢ଼ା ଗୋବର ଓ ତେଲ ପିଡ଼ିଆରୁ ପ୍ରସ୍ତୁତ ତରଳ ମିଶ୍ରଣ (ପୋଚ) ପ୍ରୟୋଗ କଲେ ଅଧିକ ଅମଳ ମିଳେ ।

## ଜଳସେଚନ

ଶୁଖିଲା ମାଟିରେ କନ୍ଦ ଲଗାଇ ପାଣି ଦେବା ଅପେକ୍ଷା ଓଦା ମାଟିରେ କନ୍ଦ ଲଗାଇବା ଭଲ । ଶୁଖିଲା ମାଟିରେ କନ୍ଦ ଲଗାଇ ପାଣି ଦେଲେ କନ୍ଦ ସଢ଼ିଯାଏ ଏବଂ ଅଙ୍କୁରୋଦ୍‌ଗମ୍ କମିଯାଏ । ଫସଲକୁ ୫୦-୬୦% ସୁଲଭ୍ୟ ଜଳ ପରିମାଣରେ ସେଚନ ଦେବା ଆବଶ୍ୟକ । ଶୀତ ଦିନେ ୧୫-୨୦ଦିନ ଏବଂ ଖରାଦିନେ ୭-୧୦ ଦିନ ଅନ୍ତରରେ ଜଳସେଚନ ଆବଶ୍ୟକ ।

## ଘାସ ନିୟନ୍ତ୍ରଣ

ରଜନୀଗନ୍ଧା ସିଧା ବଢୁଥିବା ଗୋଟିଏ କ୍ଷୁଦ୍ରଗୁଳ୍ମ ହୋଇଥିବାରୁ ଏବଂ ଏହାର ଘାସୁଆ ପତ୍ର ଶୀଘ୍ର ପାଖକୁ ପାଖ ଲାଗି ମାଟି ଘୋଡ଼ାଇ ପକାଉ ନଥିବାରୁ ବାରମ୍ୱାର ଏକ ବୀଜପତ୍ରୀ ଓ ଦ୍ୱିବୀଜ ପତ୍ରୀ ଘାସ ବାଛିବା ଆବଶ୍ୟକ ହୋଇଥାଏ । ଅକ୍ସିଫ୍ଲୁରୋଫେନ୍ ୧ମି.ଲି.କୁ ୧ ଲିଟର ପାଣିରେ ମିଶାଇ କନ୍ଦ ଲଗାଇବାର ଦୁଇଦିନ ପୂର୍ବରୁ ମାଟିରେ ସିଞ୍ଚନ କଲେ କ୍ଷେତରେ ୪୫ଦିନ ପର୍ଯ୍ୟନ୍ତ ଘାସ ହୋଇନଥାଏ ।

## ଅମଳ

ଗଛା ଧରିବାର ସାଧାରଣତଃ ୮୦ ରୁ ୯୫ ଦିନ ମଧ୍ୟରେ ରଜନୀଗନ୍ଧା ଫୁଲ ଫୁଟିବା ଆରମ୍ଭ କରେ । ସାଜସଜ୍ଜା ପାଇଁ ରଜନୀଗନ୍ଧା ସ୍ତବକ ମୂଳରୁ ୫ସେ.ମି. ଛାଡ଼ି କଟା ଯାଇଥାଏ । କିନ୍ତୁ ଫୁଲମାଳ ବା ଅନ୍ୟାନ୍ୟ ସାଜସଜ୍ଜା ପାଇଁ ରଜନୀଗନ୍ଧା ଫୁଲକୁ ତୋଳା ଯାଇଥାଏ । ସ୍ତବକ କାଟିବା ସଂଗେ ସଂଗେ ପାଣିରେ ରଖାଯାଏ । ଲାଗିଥିବା ଛୋଟ ଛୋଟ ପତ୍ର ଗୁଡିକୁ ନ ଛିଣ୍ଡାଇଲେ ଅଧିକ ଦିନ ପର୍ଯ୍ୟନ୍ତ ସତେଜ ରହେ । ହେକ୍ଟର ପିଛା ୫ଲକ୍ଷ ସ୍ତବକ କିମ୍ୱା ୧୧୦-୧୨୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଝୁରାଫୁଲ ଅମଳ ହୋଇଥାଏ ।

## ଅମଳ ପରବର୍ତ୍ତୀ ଯତ୍ନ

ଖୋଲା ଫୁଲ ଗୁଡ଼ିକୁ ସାଧାରଣତଃ ବାଉଁଶ ଝୁଡିରେ ନିକଟସ୍ଥ ବଜାରରେ ବିକ୍ରୀ

କରାଯାଏ । ଫୁଲ ସ୍ତବକର କଟାଯାଇଥିବା ଅଂଶଟିକୁ ପାଣିରେ ବୁଡାଇ ରଖାଯାଏ କିମ୍ବା ଓଦା ଖବର କାଗଜ ଦ୍ୱାରା ଗୁଡ଼ାଇ ରଖାଯାଏ । ଦୂର ଜାଗାକୁ ପଠାଇବାକୁ ହେଲେ ଧଳା ଟିସୁ କାଗଜ ଦ୍ୱାରା ପୂରା ଫୁଲ ବିଡ଼ାକୁ ଗୁଡ଼ାଇ ଦିଆଯାଏ ଏବଂ କାର୍ଡବୋର୍ଡ ବାକ୍ସରେ ପଠାଯାଇଥାଏ ।

## ରୋଗପୋକ ସମସ୍ୟା ଓ ନିୟନ୍ତ୍ରଣ

ରଜନୀଗନ୍ଧାର ପ୍ରଧାନ ରୋଗ ମଧ୍ୟରେ କାଣ୍ଡସଢ଼ା, ମୂଳ ସଢ଼ା, ପତ୍ରପୋଡ଼ା, କଢ଼ସଢ଼ା, ଅଗଛାଞ୍ଚୁଣିଆ ହୋଇଯିବା ଇତ୍ୟାଦି ପ୍ରଧାନ । କାଣ୍ଡସଢ଼ା ରୋଗ ବର୍ଷାଦିନେ ବେଶି ଦେଖାଯାଏ । ବ୍ରାସିକଲ ବା ଜିନେବ ଦ୍ରବଣରେ ମାଟିକୁ ୭ ଦିନ ଭିଜାଇ ରଖିଲେ ଏହି ରୋଗରୁ ରକ୍ଷା ମିଳେ ।

ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ (ବ୍ଲାଇଟକ୍ସ-୫୦) ୨ମି.ଲି.କୁ ପ୍ରତିଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ହୋଇଥାଏ । କଢ଼ ସଢ଼ା ରୋଗ ପାଇଁ ପ୍ଲାଣ୍ଟୋମାଇସିନ୍ ୧ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ । ଗଛ ମଧରେ ଉପଯୁକ୍ତ ଦୂରତା ରଖିବାକୁ ହୋଇଥାଏ । ଅନିଷ୍ଟକାରୀ ପୋକ ମଧ୍ୟରେ ଝିଣ୍ଟିକା, ଜଉପୋକ, ନାଲି ଉକୁଣୀ ଇତ୍ୟାଦି ରଜନୀଗନ୍ଧାର କ୍ଷତି କରିଥାଆନ୍ତି । ଏସବୁର ନିୟନ୍ତ୍ରଣ ପାଇଁ ଗଛ ଲଗାଇବା ଆଗରୁ ମାଟିରେ ନିମ୍ବପିଡିଆ ୨ କ୍ୱିଣ୍ଟାଲକୁ ଏକ ଏକର ଜମିରେ ମିଶାଇ ଦିଆଯାଏ । ଇମିଡାକ୍ଲୋପ୍ରିଡ୍ ୬-୭ମିଲିକୁ ୧୫ ଲିଟର ପାଣି କିମ୍ବା ରୋଗର ୨ମି.ଲି.କୁ ୧ ଲିଟର ପାଣି କିମ୍ବା ଥାଇଓମିଥକ୍ଜାମ୍ ୫ ଗ୍ରାମକୁ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ ।

## ଲାଭଜନକ ଗେଣ୍ଡୁଫୁଲ ଚାଷ

ଉପକ୍ରମ : ବହୁ ପ୍ରାଚୀନ କାଳରୁ ଫୁଲଚାଷ କରାଯାଉଛି । ବିବାହ, ବ୍ରତ, ଓଷା, ସଭା, ପର୍ବପର୍ବାଣୀ ତଥା ଦୈନନ୍ଦିନ ଦେବପୂଜା ନିମନ୍ତେ ଫୁଲର ଚାହିଦା ଅପରିହାର୍ଯ୍ୟ । ସହରାଞ୍ଚଳ ମାନଙ୍କରେ ଫୁଲର ଚାହିଦା ବୃଦ୍ଧି ଯୋଗୁଁ ଫୁଲଚାଷର ଗୁରୁତ୍ୱ ବୃଦ୍ଧି ପାଇଛି । ବର୍ତ୍ତମାନ ବ୍ୟବସାୟିକ ଭିତ୍ତିରେ ଫୁଲଚାଷ କରି ଚାଷୀଭାଇମାନେ ଲାଭବାନ ହୋଇପାରୁଛନ୍ତି । ଫୁଲ ବଜାରରେ ଗେଣ୍ଡୁ, ରଜନୀଗନ୍ଧା, ଗ୍ଲାଡିଓଲି, କାର୍ନେସନ୍, ଜର୍ବେରା, ସେବତୀ, ଗୋଲାପ ଇତ୍ୟାଦି ଫୁଲର ବେଶ୍ ଚାହିଦା ରହିଛି । ଆମ ରାଜ୍ୟରେ ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ଢେଙ୍କାନାଳ, ଅନୁଗୋଳ, ରାୟଗଡ଼ା,

କୋରାପୁଟ, ବ୍ରହ୍ମପୁର, ସମ୍ବଲପୁର, ବରଗଡ଼ ଆଦି ସହରମାନଙ୍କରେ ପ୍ରତିବର୍ଷ ପ୍ରାୟ କୋଟିଏ ରୁ ଉର୍ଦ୍ଧ୍ୱ ଟଙ୍କାର ଫୁଲ ବ୍ୟବସାୟ କରାଯାଉଅଛି ଯାହାର ଶତକଡ଼ା ୯୦ ଭାଗ ରାଜ୍ୟ ବାହାରୁ ଆମଦାନୀ ହେଉଛି । ଏହି ପରିପ୍ରେକ୍ଷୀରେ ଆମ ଚାଷୀ ଭାଇମାନେ ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁଚାଷ କରି ଲାଭବାନ ହୋଇପାରିବେ । ଆମ ରାଜ୍ୟରେ ପ୍ରାୟ ୨୬୦୮ ହେକ୍ଟର ଜମିରେ ଗେଣ୍ଡୁଚାଷ କରାଯାଉଛି । ଏଥିରୁ ବର୍ଷକୁ ହାରାହାରି ପ୍ରାୟ ୨୩,୫୨୨ ମେଟ୍ରିକ୍‌ଟନ୍ ଫୁଲ ଅମଳ କରାଯାଇ ପାରୁଛି ।

## ଉପଯୁକ୍ତ କିସମ:

ସାଧାରଣତଃ ୩ ପ୍ରକାର ଗେଣ୍ଡୁଫୁଲ ଚାଷ କରାଯାଇଥାଏ । ।

୧) ଫରାସୀ ଗେଣ୍ଡୁ : ଏ ଶ୍ରେଣୀର ଗେଣ୍ଡୁ ପ୍ରାୟତଃ ଛୋଟ, ଗେଡ଼ା ଏବଂ ଗଛରେ ଖୁବ୍ ଶୀଘ୍ର ଫୁଲ ଆସେ । ରେଡ୍ ପିଗିମ, ହାପିଅରେଞ୍ଜ, ହାପି ୟେଲୋ, କ୍ୱିନସୋଫିଆ, ଅରେଞ୍ଜ ସୋଫିଆ, ହନି ସୋଫିଆ, ଗୋଲ୍‌ଡ଼ି, ଷ୍ଟାରଡଷ୍ଟ, ରଷ୍ଟିରେଡ୍, ଲେମନ୍ ଡ୍ରପ, ହନିକମ୍ବ, ଗୋଲଡେନ୍ ବୟ, ଲିଟଲ ଡେଭିଲ ଇତ୍ୟାଦି ।

୨) ଆଫ୍ରିକୀୟ ଗେଣ୍ଡୁ: ଆଫ୍ରିକୀୟ ଗେଣ୍ଡୁ ଗଛ ସାଧାରଣତଃ ଡେଙ୍ଗା, ଧାର ଅଳ୍ପ ଦନ୍ତୁରିତ, ଫୁଲ ବଡ଼, ଗୋଲ ଏବଂ ବିଭିନ୍ନ ରଙ୍ଗର । ହଳଦିଆ, ନାରଙ୍ଗୀ, ସ୍ୱର୍ଣ୍ଣାଭ, ଇଷତ୍ ପୀତାଭ, ଗାଢ଼ ପୀତ ଇତ୍ୟାଦି । ଆଫ୍ରିକୀୟ ଗେଣ୍ଡୁକିସମ ଗୁଡ଼ିକ ମଧ୍ୟରେ ଜ୍ୟାଣ୍ଟ ଡବଲ୍ ଆଫ୍ରିକୀୟ ୟେଲୋ, ଜ୍ୟାଣ୍ଟଡବଲ ଆଫ୍ରିକୀୟ ଅରେଞ୍ଜ, ସିରାକୋଲ, ସ୍ୱନ୍‌ଗୋଲଡ୍, ସ୍ୱନ୍ ୟେଲୋ, ପୁଷା ବାସନ୍ତୀ, ଆର୍କା ଭାନୁ, ଆର୍କା ଅଭି ଇତ୍ୟାଦି ପ୍ରଧାନ ।

୩- ଶଙ୍କର କିସମ: ନାରଙ୍ଗୀ, ହଳଦିଆ, ଗୋଲ୍ଡି, ରୟାଲ, ଅରେଞ୍ଜ ଇଦ୍ୟାଦି କିସମ । ଏହା ସାଧାରଣତଃ ଶୀତଦିନେ ଲଗାଯାଇଥାଏ ।

୪) ବ୍ୟବସାୟିକ କିସମ : ବେଙ୍ଗଲ ହଳଦିଆ, ନାରଙ୍ଗୀ ଏବଂ ସେରାକୋଲା ।

ଜଳବାୟୁ : ଗେଣ୍ଡୁଫୁଲ ଗଛ ୧୮-୨୮° ସେଣ୍ଟିଗ୍ରେଡ୍ ଉତ୍ତାପରେ ଭଲ ବଢ଼ିଥାଏ । ଅତ୍ୟଧିକ ଥଣ୍ଡା କିମ୍ବା ଉତ୍ତାପ ଫୁଲଚାଷ ପାଇଁ ହାନିକାରକ । ୩୫° ସେଣ୍ଟିଗ୍ରେଡ୍‌ରୁ ଉର୍ଦ୍ଧ୍ୱ ଉତ୍ତାପରେ ଫୁଲର ଆକୃତି କମିଯାଏ ଓ ଅମଳ ମଧ୍ୟ କମ୍ ହୋଇଥାଏ । ପ୍ରଚୁର ସୂର୍ଯ୍ୟକିରଣ ପଡୁଥିବା ଜାଗାରେ ଫୁଲ ଅଧିକ ଆସିଥାଏ ।

**ମୃତ୍ତିକା :** ନିଗିଡ଼ା, ବାଲିଆ ଦୋରସା ଉର୍ବର ମାଟି ଗେଣ୍ଡୁଚାଷ ପାଇଁ ଉପଯୁକ୍ତ । ଆଫ୍ରିକୀୟ ଗେଣ୍ଡୁ ଉର୍ବର ଓଦାମାଟି ଓ ଫରାସୀ ଗେଣ୍ଡୁ ହାଲ୍‌କା ମାଟିରେ ଭଲ ଅମଳ ଦେଇଥାଆନ୍ତି । ପାଣି ଜମି ରହୁଥିବା ଜାଗାରେ ଗେଣ୍ଡୁଚାଷ ଲାଭଜନକ ଭାବରେ କରାଯାଇ ପାରିବ ନାହିଁ ।

**ବଂଶବିସ୍ତାର :** ଗେଣ୍ଡୁର ବଂଶବିସ୍ତାର ସହଜ । ଏହାର ବଂଶବିସ୍ତାର ମଞ୍ଜି ବା କଟା କଲମୀ ଦ୍ୱାରା କରାଯାଇଥାଏ । ମଞ୍ଜିଗଛ ଟାଣ, ଡେଙ୍ଗା ଓ ବଳବାନ ହୁଏ ଏବଂ ବହୁତ ଫୁଲ ଧରେ । ମଞ୍ଜିଗୁଡ଼ିକ କଳା, ଲମ୍ବା ଓ ୧୮-୩୦° ସେଣ୍ଟିଗ୍ରେଡ୍ ତାପମାତ୍ରାରେ ୯୫-୯୮ଭାଗ ମଞ୍ଜିରୁ ଗଜା ୭-୮ଦିନରେ ବାହାରି ଆସେ । ଖରାଦିନେ ଗଜା ବାହାରିବାକୁ ୫-୬ ଦିନ ଓ ଶୀତ ଦିନେ ୧୦-୧୨ଦିନ ଲାଗେ । ହେକ୍ଟର ପ୍ରତି ୫୦୦-୭୫୦ ଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ମଞ୍ଜିକୁ କାପ୍‌ଟାନ୍ ବା ଥିରାମ (କେଜି ମଞ୍ଜି ପ୍ରତି ୨ଗ୍ରାମ୍ ହିସାବରେ) ଦ୍ୱାରା ବିଶୋଧନ କରାଯାଇ ତଳି ଘରାରେ ବୁଣାଯାଇଥାଏ । ତଳି ଘରାଗୁଡ଼ିକ ୧-୧.୨ମିଟର ଓସାର, ୧୫-୨୦ସେ.ମି. ଉଚ୍ଚତା ଏବଂ ୩-୪ମିଟର ଲମ୍ବା ହେବା ଆବଶ୍ୟକ । ପ୍ରତି ବର୍ଗମିଟରରେ ୧୦କେଜି ଗୋବର ଖତ କିମ୍ବା ୨-୩କେଜି ଜିଆଖତ ମିଶାଇବା ଆବଶ୍ୟକ । ବିଶୋଧିତ ମଞ୍ଜିକୁ ଧାଡ଼ିକୁ ଧାଡି ୬ସେ.ମି. ବ୍ୟବଧାନରେ ପକାଇବା ଆବଶ୍ୟକ । ପ୍ରତି ବର୍ଗମିଟରରେ ୧୦ କେଜି ଗୋବର ଖତ କିମ୍ବା ୨-୩ କେଜି ଜିଆଖତ ମିଶାଇବା ଆବଶ୍ୟକ । ବିଶୋଧିତ ମଞ୍ଜିକୁ ଧାଡ଼ିକୁ ଧାଡି ୬ ସେମି ବ୍ୟବଧାନରେ ପକାଇବା ଆବଶ୍ୟକ ଅଧିକ ଲାଭ ପାଇବା ପାଇଁ ପର୍ଯ୍ୟାୟକ୍ରମେ ତଳି ପ୍ରସ୍ତୁତି କରାଯାଇଥାଏ ।

## କଟାଡାଳ ଦ୍ୱାରା ବଂଶବିସ୍ତାର :

୬-୧୫ସେ.ମି. ଲମ୍ବା କଟାଡାଳ ପ୍ରଥମ ବର୍ଷର ହୃଷ୍ଟପୃଷ୍ଟ ଗେଣ୍ଡୁଗଛ ଡାଳର ମଝିରୁ ବା ଉପର ଭାଗରୁ ନେବା ଉଚିତ । ଖୁବ୍ ତଳୁ ନେଲେ ଚେରୁଆ ଡାଳଖଣ୍ଡରୁ ଗଛ ନ ହୋଇପାରେ । ତିନିବର୍ଷ ପୁରୁଣା ମା' ଗଛରୁ କଟା ଡାଳ ନେଲେ ଫୁଲର ଆକାର, ଅମଳ ଓ ଗୁଣ କମିଯାଏ । କାଟକଲମୀ କରିବା ପୂର୍ବରୁ ଅଳ୍ପ ଛାଇ ସ୍ଥାନରେ ମୋଟାବାଲି ଦେଇ ଶଯ୍ୟା ପ୍ରସ୍ତୁତ କରିବା ଆବଶ୍ୟକ । ମା' ଗଛରୁ ସଂଗ୍ରହ କରାଯାଇଥିବା ୩-୪ ପତ୍ର ବିଶିଷ୍ଟ ଡାଳକୁ ସେରାଡେକ୍ସ ପାଉଡରରେ ବୁଡ଼ାଯାଇ ଶଯ୍ୟାରେ ପୋତାଯାଏ । ଚାରା ଗୁଡ଼ିକ ୨୦-୨୧ ଦିନ ହୋଇଗଲେ ଏଥିରେ ଚେର ବାହାରିଥାଏ ଏବଂ ଲଗାଇବା ପାଇଁ

ଉପଯୋଗୀ ହୋଇଥାଏ । ଗୋଟିଏ ମା’ ଗଛରୁ ୧୦୦ରୁ ଉର୍ଦ୍ଧ୍ୱ କାଟକଲମୀ କରାଯାଇ ପାରିବ ।

## ଲଗାଇବା ସମୟ :

ବର୍ଷାଋତୁ ଗେଣ୍ଡୁଚାଷ ପାଇଁ ମଞ୍ଜି ଜୁନ୍ ମାସର ମଧ୍ୟଭାଗରେ, ଶୀତଦିନିଆ ଗେଣ୍ଡୁଚାଷ ପାଇଁ ଅଗଷ୍ଟମାସରେ ଏବଂ ଖରାଦିନିଆ ଗେଣ୍ଡୁ ଚାଷ ପାଇଁ ଜାନୁଆରୀ ମାସରେ ମଞ୍ଜି ବୁଣାଯାଇଥାଏ ।

## ଜମି ପ୍ରସ୍ତୁତି ଓ ଚାରା ରୋପଣ:

ମୁଖ୍ୟ ଜମିକୁ ୩-୪ଓଡ଼ ଚାଷ କରି ମାଟି ଗୁଣ୍ଡ ହେବା ପରେ ହେକ୍ଟର ପ୍ରତି ୧୫ରୁ ୨୦ ଟନ୍ ସଢ଼ା ଗୋବର ଖତ କିମ୍ବା ୩-୪ଟନ୍ ଜିଆଖତ ପ୍ରୟୋଗ କରିବା ଆବଶ୍ୟକ । ତଳି ଗୁଡ଼ିକ ୩-୪ ପତ୍ର ହେଲେ ମୁଖ୍ୟ ଜମିରେ ଲଗାଇବା ପାଇଁ ଉପଯୁକ୍ତ ହୋଇଥାଆନ୍ତି । ଆଫ୍ରିକୀୟ ଗେଣ୍ଡୁକୁ ୬୦ସେ.ମି.× ୩୦ସେ.ମି. ଦୂରତାରେ ଲଗାଯାଇଥାଏ ଓ ଫରାସୀ ଗେଣ୍ଡୁକୁ ୪୫ ସେମି × ୩୦ସେ.ମି. ଦୂରତାରେ ଲଗାଯାଇଥାଏ ।

## ଖତ ସାର ପ୍ରୟୋଗ :

ମୁଖ୍ୟ ଜମିକୁ ୩-୪ ଓଡ଼ ହଳକରି ମଇ ଦେଇ ସମାନ କରି ଛୋଟଛୋଟ ପଟାଳି କରାଯାଏ । ପ୍ରତି ଛୋଟ କିଆରିରୁ ପାଣି ଛାଡ଼ିବା ପାଇଁ ଚାରିପଟେ ନାଳ କରାଯାଏ । ହେକ୍ଟର ପ୍ରତି ୧୫ରୁ ୨୦ଟନ୍ ଖତ, ୬୦କି.ଗ୍ରା. ଫସଫେଟ୍ ଓ ୬୦କି.ଗ୍ରା. ପଟାସ ଦେଇ ମାଟିରେ ଭଲକରି ମିଶାଇ ଦିଆଯାଏ । ୩-୪ ପତ୍ରିଆ ଏବଂ ୩୦-୩୫ ଦିନିଆ ତଳିକୁ ଆବଶ୍ୟକ ଦୂରତାରେ ରୋପଣ କରାଯାଏ । ସାଧାରଣତଃ ଆଫ୍ରିକୀୟ ଗେଣ୍ଡୁକୁ ୬୦ସେ.ମି. ×୩୦ସେ.ମି. ଓ ଫରାସୀ ଗେଣ୍ଡୁକୁ ୪୫ସେ.ମି. ×୩୦ସେ.ମି. ଦୂରତାରେ ଲଗାଯାଏ । ଏହାଦ୍ୱାରା ହେକ୍ଟର ପିଛା ଆଫ୍ରିକୀୟ ଗେଣ୍ଡୁରେ ୫୫,୫୫୫ ଓ ଫରାସୀ ଗେଣ୍ଡୁରେ ୭୫,୦୦୦ ଗଛ ରହିବ । ଗେଣ୍ଡୁଚାଷରେ ହେକ୍ଟର ପ୍ରତି ୧୦୦-୬୦-୬୦ କେଜି ଯବକ୍ଷାରଜାନ, ଫସ୍‌ଫରସ୍ ଏବଂ ପଟାସ୍ ସାର ଆବଶ୍ୟକ ହୋଇଥାଏ । ଲଗାଇବା ସମୟରେ ସମସ୍ତ ସୁପର ସାର ଦେବା ଆବଶ୍ୟକ ହୋଇଥାଏ । ଲଗାଇବା ସମୟରେ ସମସ୍ତ ସୁପର ସାର ଏବଂ ଅଧା ପଟାସ ସାର ପ୍ରୟୋଗ କରି ମାଟିରେ ମିଶାଇବା ଦରକାର ।

ହେକ୍ଟର ପ୍ରତି ୨ ରୁ ୩ କ୍ୱିଣ୍ଟାଲ ସୋରିଷ ବା ନିମ୍ବ ପିଡ଼ିଆ ଦେଲେ ଫୁଲ ଉତ୍ତମ ମାନର ହୋଇଥାଏ । ଗଛ ଲଗାଇବା ର ୧୫ ଦିନ ପରେ ଅଧା ଯବକ୍ଷାରଜାନ ଏବଂ ୪୫ ଦିନ ପରେ ଆଉ ଅଧା ଯବକ୍ଷାରଜାନ ଏବଂ ଅବଶିଷ୍ଟ ପଟାସ୍ ସାର ପ୍ରୟୋଗ କରିବା ଦରକାର ।

## ଜଳ ସେଚନ :

ଗେଣ୍ଡୁର ବୃଦ୍ଧି ଓ ବିକାଶର ସବୁ ଅବସ୍ଥାରେ ଯଥେଷ୍ଟ ଜଳ ରହିବା ଉଚିତ୍ । କିନ୍ତୁ ଅଧିକ ଜଳ ଗେଣ୍ଡୁ ଚାଷ ପାଇଁ କ୍ଷତିକାରକ ହୋଇଥାଏ । ବାଲିଆ ଦୋରସା ମାଟିରେ ଖରାଦିନେ ୪-୫ ଦିନ ଅନ୍ତରରେ ଓ ଶୀତଦିନେ ୭-୮ ଦିନ ଅନ୍ତରରେ ଜଳସେଚନ ଆବଶ୍ୟକ । ଛିଞ୍ଚା ଜଳସେଚନ ହେତୁ କେତେକ କବକ ଜନିତ ରୋଗ ବୃଦ୍ଧି ପାଉଥିଲେ ହେଁ ଆବଶ୍ୟକ ପରିମାଣ ଜଳ ହ୍ରାସ ପାଏ ଏବଂ ଜଳସେଚନ ଦକ୍ଷତା ବୃଦ୍ଧି ପାଇଥାଏ ।

## ଅଗଭଙ୍ଗା :

ଉଭୟ ପ୍ରକାର (ଫରାସୀ ଓ ଆଫ୍ରିକୀୟ ଗେଣ୍ଡୁ) ଗେଣ୍ଡୁ ରୋଇବାର ୩୫ ରୁ ୪୦ଦିନ ପରେ ଅଗ୍ରଭାଙ୍ଗିଲେ ପାର୍ଶ୍ୱଡାଳ ସଂଖ୍ୟା ବୃଦ୍ଧିପାଏ, ଗଛ ଝଙ୍କାଳିଆ ହୁଏ । ଗଛ ପ୍ରତି ଫୁଲ ସଂଖ୍ୟା ଓ ଫୁଲର ଆକାର ବୃଦ୍ଧିପାଏ । ଡେରିରେ (୬୦ ଦିନ ପରେ) ଅଗ ଭାଙ୍ଗିଲେ କୌଣସି ପ୍ରଭାବ ପଡ଼େ ନାହିଁ ଅଥବା ଖୁବ୍ କମ୍ ପ୍ରଭାବ ପଡ଼େ ।

## ପରବର୍ତ୍ତୀ ଯତ୍ନ :

ମାଟିକୁ ଖୁସାଖୁସି କରି ଅନାବନା ଗଛ ମାଟିରେ ମିଶାଇ ଦେବା ଆବଶ୍ୟକ । ପ୍ରଥମ ଥର ସାର ଦେବା ପରେ ଗଛ ମୂଳକୁ ହୁଡ଼ା ଦିଆଯାଇଥାଏ । ଦ୍ୱିତୀୟ ଓଡ଼ ହୁଡ଼ା ୪୫ ଦିନ ପରେ ଦେଲେ ଗଛ ସିଧା ରହିଥାଏ । ଗଛ ପଡ଼ିନଯିବା ପାଇଁ ଢିରା ମଧ୍ୟ ଦିଆଯାଇଥାଏ ।

## ରୋଗ ପୋକ ନିୟନ୍ତ୍ରଣ :

**ମୂଳସଢ଼ା ରୋଗ :** ତଳି ଘରାରେ କାଣ୍ଡ ଓ ଚେର ସଢ଼ା ରୋଗ ଦେଖା ଯାଇଥାଏ । ମାଟିକୁ ବିଶୋଧନ କରି ମଞ୍ଜି ବୁଣିବା ଆବଶ୍ୟକ । ତଳି ଘରାରେ ୨ ମି.ଲି. ବ୍ଲାଇଟକ୍ସ-୫୦ କୁ ଏକ ଲିଟର ପାଣି କିମ୍ବା ୩ ଗ୍ରାମ୍ କ୍ୟୁରେକ୍ସ କୁ ଏକ ଲିଟର ପାଣି କିମ୍ବା ୩ ଗ୍ରାମ୍ ଧାନୁକପ୍‌କୁ ୧ ଲିଟର ପାଣିରେ ମିଶାଇ ପ୍ରୟୋଗ କଲେ ମୂଳସଢ଼ା ରୋଗ ନିୟନ୍ତ୍ରଣ ହୋଇଥାଏ ।

**ପତ୍ରପୋଡା ଏବଂ ପତ୍ର ଦାଗ ରୋଗ :** ମାଟିଆ ବା ଖଇରିଆ ରଙ୍ଗର ଗୋଲାକାର ଦାଗ ପତ୍ରରେ ଦେଖାଯାଏ । ପରେ ଏ ସବୁ ଦାଗ ମିଶିଯାଇ ପତ୍ର ପୋଡ଼ିଗଲା ପରି ଦେଖାଯାଏ । କୁହୁଡ଼ି ପଡ଼ିଲେ ଏହି ରୋଗ ବ୍ୟାପିଯାଇଥାଏ । ଏହାର ପ୍ରତିକାର ପାଇଁ ଏକ ଲିଟର ପାଣିରେ ୩ ଗ୍ରାମ ବ୍ଲୁକପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରିପାରିବେ । ଡିଥେନ୍ ଏମ୍-୪୫ କୁ ମଧ୍ୟ ୩ ଗ୍ରାମ ହିସାବରେ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରିହେବ ।

**ପାଉଁଶିଆ ରୋଗ :** ପତ୍ରରେ ଏବଂ ଫୁଲ କଢ଼ିରେ ପାଉଁଶିଆ ରଙ୍ଗର ଦାଗମାନ ଦେଖାଯାଏ । ଏହାର ପ୍ରତିକାର ପାଇଁ ୧ ଗ୍ରାମ କାରାଥେନ୍‌କୁ ୧ ଲିଟର ପାଣି କିମ୍ବା ୪ ଗ୍ରାମ୍ ସଲଫେକ୍ସକୁ ୧ ଲିଟର ପାଣି କିମ୍ବା ୨ ମି.ଲି. ଫାଇଟୋଲାମ୍‌କୁ ୧ ଲିଟର ପାଣିରେ ମିଶାଇ  ସିଞ୍ଚନ କରିହେବ ।

**କଢ଼ସଢ଼ା ରୋଗ :** ମାଟିଆ ରଙ୍ଗର ଚିହ୍ନ କଢ଼ରେ ଏବଂ ପତ୍ରରେ ଦେଖାଯାଏ । ଏହାର ପ୍ରତିକାର ପାଇଁ ମାନ୍‌କୋଜେବ୍ ୩ ଗ୍ରାମ୍ କୁ ୧ ଲିଟର ପାଣିରେ କିମ୍ବା ୩ଗ୍ରାମ୍ କ୍ୟୁରେକ୍ସ କିମ୍ବା ନାଗକପରକୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରିହେବ ।

**ଜଉପୋକ :** ମାଟିଆ ଏବଂ କଳା ରଙ୍ଗର ଛୋଟ ଛୋଟ ପୋକ ଗଛର ଅଗ୍ରଭାଗରୁ ରସ ଶୋଷି  ଖାଇଥାନ୍ତି । ଏହି ପୋକକୁ ଦମନ କରିବା ପାଇଁ ଏସିଟାମିପ୍ରିଡ୍ ୧.୫ ଗ୍ରାମ୍‌କୁ ୪ ଲିଟର ପାଣି କିମ୍ବା ଥାଇଓମିଥକ୍‌ଜାମ୍ ୫ ଗ୍ରାମ୍‌କୁ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ । ୫ରୁ୬ ଦିନ ବ୍ୟବଧାନରେ ତିନିଥର ସିଞ୍ଚନ କରିଲେ ଏହି ପୋକର ଦାଉରୁ ଗଛକୁ ରକ୍ଷା କରିହେବ ।

**ସଂବାଳୁଆ :** ସଂବାଳୁଆ ଆକ୍ରାନ୍ତ ଫୁଲ ଏବଂ କଢ଼କୁ ନଷ୍ଟ କରିବା ସଂଗେ ସଂଗେ ଅମଳରେ କ୍ଷତି ଘଟାଇଥାନ୍ତି । ସଂବାଳୁଆ ଦମନ ପାଇଁ ୧ ଲିଟର ପାଣିରେ ପ୍ରୋଫେନୋଫସ୍ ୨ମି.ଲି. କିମ୍ବା କ୍ଲୋରୋସାଇପରମେଥ୍ରିନ୍ ୨ ମି.ଲି କୁ ମିଶାଇ ସିଞ୍ଚନ କରିବା ଦରକାର ।

**ଉକୁଣିଆ ପୋକ :** ଏହି ପୋକ ଗଛର ପତ୍ର ଶୋଷି ଖାଇଥାନ୍ତି ଏବଂ ଗଛକୁ ପାଉଁଶିଆ କରି ଦେଇଥାଆନ୍ତି । ଏହାର ପ୍ରତିକାର ପାଇଁ ୧ ଲିଟର ପାଣିରେ ପ୍ରୋନିକାମାଇଡ୍ ୦.୪ ଗ୍ରାମ୍ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।

**ଭୂତାଣୁ ଜନିତ ରୋଗ:** ଗେଣ୍ଡୁଫୁଲରେ ଭାଇରସ୍ ହେଲେ ଗଛକୁ ଉପାଡି ଦେବା ଉଚିତ୍ । ନିମ୍ବତେଲ ୩ ମିଲିକୁ ୧ ଲିଟର ପାଣି ଏବଂ ଥାଇଓମିଥୋକ୍ସାମ୍ ୫ ଗ୍ରାମ୍ କୁ ୧୫ ଲିଟର ପାଣିରେ ମିଶାଇ ଅଦଳ ବଦଳ କରି ସିଞ୍ଚନ କଲେ ଭୁତାଣୁ ସଂକ୍ରମଣର ବାହାକ ଜଉପୋକ ଏବଂ ପତ୍ରଡିଆଁ ପୋକ ମରି ଯାଆନ୍ତି ଏବଂ ଏହା ଦ୍ୱାରା ସଂକ୍ରମଣ ବ୍ୟାପେ ନାହିଁ ।

**ଫୁଲତୋଳା, ଅମଳା ଓ ସାଇତା :** ଗେଣ୍ଡୁଫୁଲ ସଂପୂର୍ଣ୍ଣ ଭାବରେ ଫୁଟିଲେ ତୋଳାଯାଏ । ଫୁଲ ଅମଳ ଋତୁ, କିସମ, ମୃତ୍ତିକା ଗୁଣ ଉପରେ ନିର୍ଭର କରୁଥିଲେ ହେଁ ହାରାହାରି ଭାବରେ କେଳିକୁସୁମରୁ ଗଛପ୍ରତି ୩୦ଟି ଓ ପ୍ରତ୍ୟେକ ଫୁଲର ଓଜନ ୩-୫ଗ୍ରାମ ହିସାବରେ ଏକ ହେକ୍ଟରରୁ ପ୍ରାୟ ୨୦ ରୁ ୨୨ ଟନ୍ ଫୁଲ ମିଳେ । ଆଫ୍ରିକୀୟ ଗେଣ୍ଡୁରୁ ଗଛ ପ୍ରତି ୬୦ଟି ଏବଂ ପ୍ରତ୍ୟେକ ଫୁଲର ଓଜନ ୮ରୁ ୧୦ ଗ୍ରାମ୍ ହିସାବରେ ଏକ ହେକ୍ଟର ପ୍ରତି ୧୨ ରୁ ୧୮ ଟନ୍ ଫୁଲ ମିଳିଥାଏ । ସକାଳ ଏବଂ ସନ୍ଧ୍ୟା ସମୟରେ ଫୁଲ ତୋଳାଯାଏ । ଫୁଲକୁ ଖୋଲା ଟୋକୋଇରେ ତୋଳା ଯାଇଥାଏ । ତୋଳିବା ପୂର୍ବଦିନ ଜଳସେଚନ କଲେ ଫୁଲ ସତେଜ ରୁହେ । ଗେଣ୍ଡୁ ଫୁଲ ସାଧାରଣତଃ ୬ ରୁ ୮ ଘଣ୍ଟା ସତେଜ ରୁହେ । କିନ୍ତୁ ବିଭିନ୍ନ ଉପଚାର ଦ୍ୱାରା ଏହା ୩-୫ ଦିନକୁ ବୃଦ୍ଧି କରାଯାଇପାରିବ । ଫୁଲଗୁଡ଼ିକୁ ଆଲୁମିନିୟମ୍ ସଲ୍‌ଫେଟ୍ ୧ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ ଦ୍ରବଣ ପ୍ରସ୍ତୁତି କରି ସେହି ଦ୍ରବଣରେ ଫୁଲଗୁଡ଼ିକୁ ୨ ଘଣ୍ଟା ବୁଡ଼ାଇ ରଖିଲେ ଫୁଲ ସତେଜ ରୁହେ । ମାଟିର କିସମ ଅନୁସାରେ ଗଛ ଲଗାଇବାର ଦିନଠାରୁ ୪-୫ ମାସ ମଧ୍ୟରେ ଫୁଲ ଅମଳ ହୋଇଥାଏ । ଗଛ ଗୁଡ଼ିକର ବୟସ ହୋଇଗଲେ ଫୁଲର ମାନ କମିଯାଏ । ଫୁଲକୁ ତୋଳିବା ପରେ ମାଳ ପ୍ରସ୍ତୁତି କରି ବିକ୍ରି କଲେ ଅଧିକ ଲାଭ ମିଳିଥାଏ । ଉନ୍ନତ କିସମ ଗଛରୁ ଶୀତଦିନେ ମଞ୍ଜି ସଂଗ୍ରହ କରି ଭଲ ଭାବରେ ଶୁଖାଇ ଦିଆଯାଏ । ଏଥିପାଇଁ ସୁସ୍ଥ ସବଳ ନୀରୋଗ ଗଛରୁ ମଞ୍ଜି ସଂଗ୍ରହ କରିବା ଆବଶ୍ୟକ । ଏକ ହେକ୍ଟର ଜମିରୁ ୩୦୦ ରୁ ୩୭୫ କି.ଗ୍ରା. ମଞ୍ଜି ବାହାରିଥାଏ ।

**ଲାଭର ହିସାବ :** ଏକ ହେକ୍ଟର ଗେଣ୍ଡୁଚାଷ କଲେ ପ୍ରାୟ ୧,୧୦,୦୦୦ ରୁ ୧,୨୦,୦୦୦ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ । ଖର୍ଚ୍ଚକୁ ବାଦ ଦେଇ ଏକ ହେକ୍ଟର ଗେଣ୍ଡୁଚାଷରୁ ପ୍ରାୟ ଟ.୨,୫୦,୦୦୦/- ରୁ ୩,୦୦,୦୦୦/- ପର୍ଯ୍ୟନ୍ତ ଲାଭ ମିଳିଥାଏ ।



2024030241